Hi Everyone,

How are you doing. Welcome to our Odia Short Story portal. Here you will find all oriya small stories and galpa. Every we will add new new odia stories so that can read the stories from anywhere in the world. Below is one of the Odia Short Story called Four Brahmins from Panchatantra.




ଗୋଟିଏ ସହରରେ ଚାରିଜଣ ବ୍ରାହ୍ମଣ ବାସ କରୁଥିଲେ । ସେମାନେ ପିଲା ଦିନରୁ ଘନିଷ୍ଠ ବନ୍ଧୁ ଥିଲେ । ଦିନେ ସେମାନେ ଠିକ୍ କଲେ । ପଡୋଶୀ ରାଜ୍ୟକୁ ଯାଇ ସେଠାରେ ଅଧିକ ବିଦ୍ୟା ଶିକ୍ଷା କରିବେ ଏବଂ ଏହି ବିଦ୍ୟାକୁ ଉପଯୋଗ କରି କିଛି ଧନ ଉପାର୍ଜ୍ଜନ କରିବେ । ଏହା ଚିନ୍ତା କରି ସେମାନେ "ପଡୋଶୀ ରାଜ୍ୟକୁ" ଯିବାପାଇଁ ବାହାରି ପଡିଲେ । ସେଠାରେ ସେ ଏକ ବିଦ୍ୟାଳୟରେ ବିଦ୍ୟା ଆରମ୍ଭ କଲେ । ସେଠାରେ ସେମାନେ କାଳ କଠିନ ପରିଶ୍ରମ କଲେ ।

ଦିନେ ସେମାନେ କଥା ହେଲେ, ଆମ୍ଭେମାନେ ତ ବିଜ୍ଞାନର ସମସ୍ତ ବିଦ୍ୟାକୁ ଅଧ୍ୟୟନ କରିସାରିଲୁଣି । ତେଣୁ ଗୁରୁଙ୍କ ନିକଟକୁ ଯାଇ ଗୃହକୁ ପ୍ରତ୍ୟାବର୍ତନ ନିମନ୍ତେ ଅନୁମତି ମାଗିବା । ଏହା କହି ସେମାନେ ଗୁରୁଙ୍କ ନିକଟରେ ପହଁଚିଗଲେ । ଗୁରୁ ମଧ୍ୟ ଶ୍ରଦ୍ଧାରେ ସେମାନଙ୍କର ଶୁଭ ମନାସି ସେମାନଙ୍କୁ ବିଦାୟ ଦେଲେ । ଗୃହକୁ ଯିବା ବାଟରେ ସେମାନେ ଏକ ଛକ ସ୍ଥାନରେ ଅଟକି ଗଲେ । ଛକର ଦୁଇଟି ଦିଗକୁ ଦୁଇଟି ରାସ୍ତା ଯାଇଛି । ସେମାନେ ପ୍ରଥମେ କେଉଁ ରାସ୍ତାରେ ଯିବେ ତାହା ଠିକ୍ ନକରିପାରି ସେହି ଛକ ଉପରେ ବସିପଡିଲେ । କିଛି ସମୟପରେ ସେମାନେ ଦେଖିଲେ ସହରର କେତେକ ବ୍ୟକ୍ତି ଜନୈକ ବଣିକଙ୍କର ଶବକୁ ସତ୍କାର କରିବା ପାଇଁ ମଶାଣିକୁ ନେଉଛନ୍ତି । ସଂଗେ ସଂଗେ ଜଣେ ବ୍ରାହ୍ମଣ ପଣ୍ଡିତ ଶାସ୍ତ୍ର ଫିଟାଇ ଦେଖି କହିଲେ, ବନ୍ଧୁଗଣ! ଶାସ୍ତ୍ରରେ ଲିଖିତ ଅଛି, "ଯେଉଁ ପଥରେ ମହାଜନମାନେ ଯାଆନ୍ତି ସେହି ପଥରେ ଯାତ୍ରା କଲେ ମନରୁ ରାଗ, ଭ୍ରାନ୍ତି ଦୂର ହୋଇଯିବ ।"ତେଣୁ ଆମ୍ଭମାନଙ୍କ ପାଇଁ ଏହି ପଥ ହେଉଛି ପ୍ରକୃଷ୍ଟ ପଥ । ତେଣୁ ଚାଲ, ଆମେ ସେମାନଙ୍କୁ ଅନୁସରଣ କରି ଏହି ବାଟେ ଯିବା । ବନ୍ଧୁ ଜଣକର କଥା ଅନୁସାରେ ସେମାନେ ସେହି ବାଟରେ ଚାଲିଲେ । ଶେଷରେ ସେମାନେ ଯାଇ ଏକ ମଶାଣିରେ ପହଁଚିଲେ ।

ଏହାପରେ ଦ୍ୱିତୀୟ ପଣ୍ଡିତ ଜଣକ ଶାସ୍ତ୍ର ଫିଟାଇ ଦେଖି କହିଲେ, "ଉତ୍ସବ ସମୟରେ, ବିପଦକାଳରେ, ଦୁର୍ଭିକ୍ଷ ପଡିଥିବାବେଳେ, ସଂକଟରେ ଥିବା ସମୟରେ, ରାଜ ଦରବାରରେ କିମ୍ବା ଶ୍ମଶାନରେ ଯାହାକୁ ଦେଖିବ ତା' ସହିତ ବନ୍ଧୁତା କରିନେବା ଉଚିତ୍ ।" ଆମ୍ଭେମାନେ ତ ବର୍ତ୍ତମାନ ଶ୍ମଶାନରେ ପହଁଚିଯାଇଛେ । ଆମ୍ଭମାନଙ୍କ ସମ୍ମୁଖରେ ଏକ ଗଧଟିଏ ଚରୁଛି । ଶାସ୍ତ୍ର ଅନୁଯାୟୀ ଆମ୍ଭର ଗଧ ସହିତ ବନ୍ଧୁତା କରିବା ଆବଶ୍ୟକ । ସଂଗେ ସଂଗେ ଚାରିବନ୍ଧୁ ଗଧ ନିକଟରେ ଯାଇ ପହଁଚିଗଲେ । ଜଣେ ପ୍ରଥମେ ଗଧକୁ ଆଉଁସି ଦେଲା । ଅନ୍ୟଜଣକ ତା'ର ବେକକୁ କୁଣ୍ଢାଇଧରି ଗେହ୍ଲାକଲା । ଆଉଜଣେ ଗଧର ମୁଣ୍ଡକୁ ଆଉଁସି ଗଧଭାଇ କିପରି ଅଛ ବୋଲି ପଚାରିଲା?

ଏମାନଙ୍କ ଏପ୍ରକାର କାର୍ଯ୍ୟକଳାପ ଦେଖି ଗଧଟି ଭୟଭୀତ ହୋଇ ଧାଇଁବାକୁ ଲାଗିଲା । ସଂଗେ ସଂଗେ ତୃତୀୟ ପଣ୍ଡିତ ଜଣକ ପୁରାଣ ପୋଥି ଫିଟାଇ ଦେଖି କହିଲେ, ଗଧଟି ଦ୍ରୁତ ଗତିରେ ଧାଉଁଛି, ମାନେ ଧର୍ମ ଦ୍ରୁତ ଗତିରେ ଗମନ କରୁଛି । ଗଧଟି ଖୁବ୍ ଜୋର୍ରେ ଦୌଡୁଥିବାରୁ ଏହି ଗଧ ହେଉଛି ଧର୍ମ । ଠିକ୍ ଏହି ସମୟରେ ଏକ ଓଟ ମଧ୍ୟ ସେଠାରେ ପହଁଚି ଖୁବ୍ ଜୋର୍ରେ ଗତି କଲା । ତେଣୁ ପଣ୍ଡିତ ଜଣକ ଓଟକୁ ମଧ୍ୟ ଧର୍ମ ନାମରେ ଅଭିହିତ କଲେ । ଚତୁର୍ଥ ପଣ୍ଡିତ ଜଣକ ନିଜ ଶାସ୍ତ୍ର ଦେଖି କହିଲେ, ଗଧ ରୂପୀ ଧର୍ମ ଏବଂ ଓଟ ରୂପୀ ଧର୍ମକୁ ମିଳନ କରାଇବା ଉଚିତ୍ । ଏହାପରେ ସେମାନେ ମିଳିମିଶି ଗଧଟାକୁ ଅଟକାଇଲେ । ଏହାପରେ ଓଟର ବେକରେ ଏକ ରସି ବାନ୍ଧି ଟାଣି ଟାଣି ଗଧ ନିକଟକୁ ଆଣିଲେ । ଶେଷରେ ଗଧ ବେକ ସହିତ ଓଟ ବେକକୁ ବାନ୍ଧିଦେଲେ । କିଛି ସମୟପରେ ଗଧର ମାଲିକ ଧୋବା ଏକ ଶକ୍ତ ଠେଙ୍ଗାଧରି ଆସିଲା । ପାଳିଥିବା ଗଧର ଏପରି ଅବସ୍ଥା ଦେଖି ପଣ୍ଡିତମାନଙ୍କୁ ଠେଙ୍ଗା ଧରି ଘଉଡାଇଲା । ପଣ୍ଡିତମାନେ ପ୍ରାଣ ବିକଳରେ ଧାଇଁଲେ । କିଛିବାଟ ଯିବାପରେ ଏକ ନଦୀ ପାଖରେ ପହଁଚିଲେ । ନଦରୀ ସୁଅରେ ଏକ ପଳାଶ ପତ୍ର ଭାସି ଯାଉଥିବାର ସେମାନେ ଦେଖିବାକୁ ପାଇଲେ ।

ପତ୍ର ଭାସିବାର ଦେଖି ପଣ୍ଡିତ ଜଣକ କହିଲେ, 'ବନ୍ଧୁଗଣ! ଏହି ପତ୍ର ଆମର ଦୁଃଖ କଷ୍ଟକୁ ଦୂର କରିବ' । ଏହା କହି ସେ ସଂଗେ ସଂଗେ ପତ୍ର ଉପରକୁ ଡେଇଁପଡିଲେ । ନଦୀରେ ସ୍ରୋତ ପ୍ରଖର ଥିଲା । ପଣ୍ଡିତ ଜଣକ ସଂଗେ ସଂଗେ ବୁଡିଯିବାକୁ ବସିବାରୁ ଆଉ ଜଣେ ପଣ୍ଡିତ ତାଙ୍କର ଚୁଟିକୁ ଧରି ଉଠାଇବାକୁ ଚେଷ୍ଟା କଲେ । କିଛି ସମୟପରେ ପଣ୍ଡିତ ଜଣକ ମୁଣ୍ଡରେ କି ବୁଦ୍ଧି ଦେଖାଦେଲା କେଜାଣି ସେ ବୁଡିଯାଉଥିବା ପଣ୍ଡିତଙ୍କର ମୁଣ୍ଡ ଗଣ୍ଡି ହାଣିଦେଇ ଅଲଗା କରିଦେଲେ । ହାତ ମଧ୍ୟରେ ମୁଣ୍ଡଟି ଥିଲା । ମୁଣ୍ଡଟି ଆଣି ନଦୀ ବନ୍ଧ ଉପରେ ରଖିଦେଲେ । ବନ୍ଧୁମାନଙ୍କୁ କହିଲେ, ବନ୍ଧୁଜଣକ ପୂରାପୁରି ବୁଡିଯାଉଥିଲେ, ମୁଁ ତ ତାଙ୍କ ଅଧା ଶରୀରକୁ ରକ୍ଷା କରିପାରିଲି । ଏହାପରେ ପଣ୍ଡିତମାନେ ସେହି ଅଧା ଶରୀରକୁ ନଦୀ ବନ୍ଧରେ ଛାଡି ଆଗକୁ ଚାଲିଲେ ।

କିଛିବାଟ ଚାଲି ଚାଲି ଗଲାପରେ ଏକ ଗ୍ରାମ ପଡିଲା । ସେତେବେଳକୁ ସୂର୍ଯ୍ୟ ଅସ୍ତ ଗଲେଣି । ବାଧ ହୋଇ ତିନିବନ୍ଧୁ ସେଠାରେ ରହିବାକୁ ଠିକ୍ କଲେ । ଗ୍ରାମବାସୀମାନେ ମଧ୍ୟ ସେମାନଙ୍କ ଗ୍ରାମରେ ତିନିଜଣ ପଣ୍ଡିତଙ୍କୁ ଦେଖି ବହୁତ ଖୁସି ହେଲେ ଓ ନିଜ ନିଜ ଘରକୁ ରାତିରେ ଖାଇବାପାଇଁ ଆମନ୍ତ୍ରଣ କଲେ । ପ୍ରଥମେ ଜଣେ ପଣ୍ଡିତ ଏକ ମହାଜନଙ୍କ ଘରକୁ ଖାଇବାକୁ ଗଲେ । ସେଠାରେ ପଣ୍ଡିତଙ୍କୁ ସିମେଇ କ୍ଷୀରି ଖାଇବାକୁ ଦିଆଗଲା । ସିମେଇ ଗୁଡିକ ତ ସୂତା ପରି ଦେଖାଯାଉଥାଏ । ଏହାକୁ ଦେଖି ପଣ୍ଡିତ ଜଣକ ସଂଗେ ସଂଗେ ଶାସ୍ତ୍ର କଥା ମନେପକାଇଲେ । ପ୍ରକୃତରେ ଏହି ଦୀର୍ଘ ସୂତାର ଅର୍ଥ ଅଳସୁଆ ବ୍ୟକ୍ତି । ଯେଉଁ ବ୍ୟକ୍ତି ଆଳସ୍ୟ ପରାୟଣ ହୁଏ, ଶେଷରେ ସେ ମୃତ୍ୟୁବରଣ କରେ । ଏହା ଭାବି ପଣ୍ଡିତ ଜଣକ ସିମେଇ କ୍ଷୀରି ନଖାଇ ଚାଲିଗଲେ ।

ସେହିପରି ଦ୍ୱିତୀୟ ପଣ୍ଡିତ ଜଣକ ଯାହା ଘରକୁ ଖାଇବାକୁ ଗଲେ, ସେଠାରେ ତାଙ୍କୁ ମଣ୍ଡାପିଠା ଖାଇବାକୁ ଦିଆଗଲା । ମଣ୍ଡାପିଠା ଦେଖିବା ମାତ୍ରକେ ତାଙ୍କର ଶାସ୍ତ୍ରରେ ବର୍ଣ୍ଣିତ କଥା ମନେ ପଡିଗଲା । ଶାସ୍ତ୍ରରେ ଲେଖାଥିଲା ଯେଉଁ ଖାଦ୍ୟ ବୃହତ୍ ଆକାର ଧାରଣ କରିଥାଏ, ସେହି ଖାଦ୍ୟ ସେବନ କଲେ ଅକାଳରେ ମୃତ୍ୟୁ ବରଣ କରିବାକୁ ପଡିଥାଏ । ଏହା ଭାବି ପଣ୍ଡିତ ଜଣକ ମଣ୍ଡାପିଠା ନଖାଇ ଉପବାସରେ ଫେରିଲେ । ସେହିପରି ତୃତୀୟ ପଣ୍ଡିତଙ୍କ ଉଦ୍ଦେଶ୍ୟରେ ଗୃହସ୍ଥ ଚିତଉପିଠା କରିଥାଆନ୍ତି । ଚିତଉ ପିଠାରେ ଥିବା କଣା ଗୁଡିକୁ ଦେଖି ପଣ୍ଡିତଙ୍କର ଶାସ୍ତ୍ର କଥା ମନେପଡିଗଲା । ଶାସ୍ତ୍ରରେ ବର୍ଣ୍ଣିତ ହୋଇଥିଲା ଯେଉଁ ପିଠାରେ ଛିଦ୍ର ଥିବ ତା'କୁ

ଭକ୍ଷଣ କଲେ ଅନର୍ଥ ଉପୁଜି ଥାଏ । ଏହି କଥା ମନେପଡିଯିବା ମାତ୍ରକେ ପଣ୍ଡିତେ ଖାଇବେ କ'ଣ? ସଂଗେ ସଂଗେ ସେହି ବ୍ୟକ୍ତିଙ୍କ ଘରୁ ଚାଲିଆସିଲେ ।

ତିନିଜଣଯାକ ପଣ୍ଡିତ ସାରା ରାତି ଉପବାସରେ କଟାଇଦେଲେ । କିନ୍ତୁ ଗ୍ରାମବାସୀମାନେ ପଣ୍ଡିତଙ୍କର ଏତାଦୃଶ ଆଚରଣ ଦେଖି ମନେ ମନେ ହସୁଥାଆନ୍ତି । ବାସ୍ତବିକ ଏହି ପଣ୍ଡିତମାନେ ପୋଥିଗତ ବିଦ୍ୟା ହାସଲ କରିଛନ୍ତି । ପ୍ରକୃତରେ ସେମାନେ ଏକ ଏକ ମୂର୍ଖ ପଣ୍ଡିତ । କାହାଣୀଟି ଶୁଣିସାରି ଚକ୍ରଧର କହିଲେ, "ବିଚରା ପଣ୍ଡିତମାନଙ୍କର ଦୁର୍ଭାଗ୍ୟ । ସୌଭାଗ୍ୟ ବଶତଃ ଜଣେ ବ୍ୟକ୍ତି ଅରଣ୍ୟରେ ପଡିରହିଲେ ମଧ୍ୟ ବଂଚିଥାଏ କିନ୍ତୁ ହତଭାଗ୍ୟ ବ୍ୟକ୍ତି ଯେତେ ଯତ୍ନରେ ରହିଲେ ମଧ୍ୟ ମୃତ୍ୟୁବରଣ କରେ । ଚକ୍ରଧର ଏ ସଂପର୍କରେ ଏକ କାହାଣୀ କହିବାକୁ ଆରମ୍ଭ କଲେ ।

[Odia Short Stories]

[Odia Short Story Four Brahmins]